




ରାଷ୍ଟ୍ରପତି ଶାସନ ଜାରି ଉଦ୍ୟମକୁ ଧକ୍କା! ୟୁପିରେ ନିର୍ବାଚନ ଘୋଷଣା; ମନମୋହନ ସରକାରରୁ ମୁଲାୟମଙ୍କ ସମର୍ଥନ ପ୍ରତ୍ୟାହାର; ଉତ୍ତରାଖଣ୍ଡରେ ଝୁଲା ବି

ତାରିଖ : ୨୧/୨/୨୦୦୭

| Su | Mo | Tu | We | Th | Fr | Sa |
|---|---|---|---|---|---|---|
| | | | | ୧ | ୨ | ୩ |
| ୪ | ୫ | ୬ | ୭ | ୮ | ୯ | ୧୦ |
| ୧୧ | ୧୨ | ୧୩ | ୧୪ | ୧୫ | ୧୬ | ୧୭ |
| ୧୮ | ୧୯ | ୨୦ | ୨୧ | ୨୨ | ୨୩ | ୨୪ |
| ୨୫ | ୨୬ | ୨୭ | ୨୮ | | | |



ଆଇଆଇଟି ସ୍ଥାନାନ୍ତରକୁ ବିରୋଧ: ରାଜଭବନକୁ ଧସେଇ ପଶିବା ଲାଗି ଏବିଭିପି କର୍ମୀଙ୍କ---

## ଆଇଆଇଟି ସ୍ଥାନାନ୍ତରକୁ ବିରୋଧ: ରାଜଭବନକୁ ଧସେଇ ପଶିବା ଲାଗି ଏବିଭିପି କର୍ମୀଙ୍କ ଉଦ୍ୟମ, ପୁଲିସ ସହ ଧସ୍ତାଧସ୍ତି

ଭୁବନେଶ୍ୱର (ଇମିସ): ଓଡ଼ିଶାରେ ଖଡ଼ଗପୁର ଆଇଆଇଟିର ସଂପ୍ରସାରିତ ଶାଖା ଓ ଅନ୍ୟ ଗୋଟିଏ ପ୍ରସ୍ତାବିତ ଆଇଆଇଟିକୁ ଓଡ଼ିଶା ବଦଳରେ ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶକୁ ସ୍ଥାନାନ୍ତର କରିବା ଲାଗି କେନ୍ଦ୍ର ସରକାରଙ୍କ ବିଷ୍ପତ୍ତିକୁ ବିରୋଧ କରି ଗତକାଲି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) କର୍ମୀମାନେ ରାଜଭବନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଢିଲା ସୁରକ୍ଷା ବ୍ୟବସ୍ଥାର ସୁଯୋଗ ନେଇ ବିକ୍ଷୋଭକାରୀମାନେ ହଠାତ୍ ରାଜଭବନ ମଧ୍ୟକୁ ଧସେଇ ପଶିବାକୁ ଉଦ୍ୟମ କରିଥିଲେ । ବିକ୍ଷୋଭକାରୀ ଓ ପୁଲିସ କର୍ମଚାରୀଙ୍କ ମଧ୍ୟରେ ଧସ୍ତାଧସ୍ତି ହେବାରୁ ପରିସ୍ଥିତି ଅଣାୟତ୍ତ ହୋଇଥିଲା ।

ଓଡ଼ିଶାରେ ପ୍ରସ୍ତାବିତ ଆଇଆଇଟି ଅନ୍ୟ ରାଜ୍ୟକୁ ସ୍ଥାନାନ୍ତର ନ କରାଯିବା ଦାବିରେ ଗତକାଲି ପୂର୍ବାହ୍ନ ପ୍ରାୟ ସାଢ଼େ ୧୧ଟା ବେଳେ ଏବିଭିପିର ୮୫ରୁ ଊର୍ଦ୍ଧ୍ୱ କର୍ମୀ ଶୋଭାଯାତ୍ରାରେ ଆସି ରାଜଭବନ ସାମ୍ନାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ସେମାନଙ୍କୁ ନିୟନ୍ତ୍ରଣ କରିବାକୁ ଜଣେ ସବ୍‌ଇନସ୍‌ପେକ୍ଟରଙ୍କ ନେତୃତ୍ୱରେ ମାତ୍ର ଦୁଇ ସେକସନ୍ ଫୋର୍ସ ମୁତୟନ ଥିଲେ । ଅଳ୍ପ ସଂଖ୍ୟକ ପୁଲିସ ସୁରକ୍ଷା ବଳୟ କରିବା ବଦଳରେ ଗଛ ଛାଇରେ ଛିଡ଼ା ହୋଇ ଖୁସି ଗପରେ ମସଗୁଲ୍ ଥିବାର ସୁଯୋଗ ନେଇ ବିକ୍ଷୋଭକାରୀମାନେ ରାଜଭବନ ଆଡକୁ ଧାଇଁ ଯାଇଥିଲେ । ମୁଖ୍ୟ ଫାଟକ ଡେଇଁ ରାଜଭବନ ଭିତରକୁ ପଶିବା ଲାଗି ଚେଷ୍ଟା କରୁଥିବା ବେଳେ ପୁଲିସ ଓ ବିକ୍ଷୋଭକାରୀଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା । ଅଳ୍ପ ସଂଖ୍ୟକ ପୁଲିସକର୍ମଚାରୀ ଥିବାରୁ ବିକ୍ଷୋଭକାରୀଙ୍କୁ ସମ୍ଭାଳିବା କଷ୍ଟକର ହୋଇଥିଲା । ଏହାପରେ ବିକ୍ଷୋଭକାରୀମାନେ ରାଜଭବନ ମୁଖ୍ୟ ଫାଟକ ସାମ୍ନାରେ ବସି ରହି ବିଭିନ୍ନ ସ୍ଲୋଗାନ୍ ଦେଇଥିଲେ । ଅଧିକ ପୁଲିସ ଫୋର୍ସ ପହଞ୍ଚିବା ପରେ ବିକ୍ଷୋଭକାରୀ ଛାତ୍ରଙ୍କୁ ବଳପୂର୍ବକ ପଛକୁ ହଟା ଯାଇଥିଲା । ଛାତ୍ର ଓ ପୁଲିସ ମଧ୍ୟରେ ଦୀର୍ଘ ସମୟ ଧରି ବଳ କଷାକଷି ହେବା ପରେ ପୁଲିସ ଜଣ ଜଣଙ୍କୁ ଟେକି ନେଇ ଭ୍ୟାନ୍‌ରେ ଭର୍ତ୍ତି କରିଥିଲା । ସେମାନଙ୍କୁ ପୁଲିସ ରିଜର୍ଭକୁ ନିଆ ଯାଇଥିଲା । ପ୍ରସ୍ତାବିତ ଆଇଆଇଟି ସ୍ଥାନାନ୍ତର ନିଷ୍ପତ୍ତି ଓଡ଼ିଶା ପ୍ରତି କେନ୍ଦ୍ରରେ କ୍ଷମତାସୀନ ୟୁପିଏ ସରକାରଙ୍କ ବୈମାତୃକ ମନୋଭାବ ବୋଲି ଏବିଭିପିର ରାଜ୍ୟ ସଂପାଦକ ନିର୍ମଳ ଷଡଙ୍ଗୀ ଅଭିଯୋଗ କରିଛନ୍ତି । ଓଡ଼ିଶାର ନ୍ୟାଯ୍ୟ ଦାବିକୁ କେନ୍ଦ୍ର ସରକାରଙ୍କ ନିକଟରେ ଉପସ୍ଥାପନ କରିବା ଲାଗି ଏବିଭିପି ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା । ମୁଖ୍ୟ ଦାବିଗୁଡିକ ମଧ୍ୟରେ ଓଡ଼ିଶାରେ ଆଇଆଇଟି ପ୍ରତିଷ୍ଠା କରାଯିବା, ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଘୋଷିତ ହୋଇଥିବା ଜାତୀୟ ବିଜ୍ଞାନ ଗବେଷଣା ପ୍ରତିଷ୍ଠାନ ଆଗାମୀ ଶିକ୍ଷାବର୍ଷଠାରୁ କାର୍ଯ୍ୟକ୍ଷମ କରବା, ୨୦୦୪ରେ ଘୋଷିତ ଅଖିଳ ଭାରତୀୟ ଆର୍ୟୁବିଜ୍ଞାନ ପ୍ରତିଷ୍ଠାନ କାର୍ଯ୍ୟ ତ୍ୱରାନ୍ୱିତ କରାଯିବା ଏବଂ ଏଥିପାଇଁ ଚଳିତ ବଜେଟ୍‌ରେ ପାଣ୍ଠିର ବ୍ୟବସ୍ଥା କରାଯିବା ଆଦି ଅନ୍ତର୍ଭୁକ୍ତ ।

Click here for WEB ADVERTISEMENT TARIFF CLICK

Please Non-Resident Oriyas Newsletter.















ବିତର୍କ/ମତାମତ ସଂଗ୍ରହ

**୧୯୯୩ ତଦନ୍ତ ରିପୋର୍ଟ ନ ମିଳିବା ସରକାରଙ୍କ ଦକ୍ଷତାର ଅଭାବ ନୁହେଁ କି ?**

- ( ) ହଁ
- ( ) ନା
- ( ) ଅନ୍ୟାନ୍ୟ

Vote

ଫଳାଫଳ

**News letter**

**Newsletter Signup**

Name*

Email*

Subscribe

Unsubscribe

## ମୁଖ୍ୟଖବର

- ରାଜଭବନ ସମ୍ମୁଖରୁ ବିକ୍ଷୋଭକାରୀଙ୍କୁ ପୁଲିସ ଜୋର୍‌ଜବରଦସ୍ତି ଭ୍ୟାନ୍‌କୁ ନେଉଛି; ବିଶ୍ୱ କପ୍ ମାସ୍କଟ୍: ଆସନ୍ତା ମାସ ୱେଷ୍ଟ ଇଣ୍ଡିଜରେ ଆରମ୍ଭ ହେବାକୁ ଯାଉଥିବା ବିଶ୍ୱ କପ୍ କ୍ରିକେଟ ପାଇଁ ନୂଆ ମାସ୍କଟ୍ । ଏହାର ନାମ ରଖାଯାଇଛି 'ମିଲ୍ଲୋ' । ହାଇଦ୍ରାବାଦର ଏକ କଂପାନି ଏହି ମାସ୍କଟ୍ ତିଆରି
- ରାଷ୍ଟ୍ରପତି ଶାସନ ଜାରି ଉଦ୍ୟମକୁ ଧକ୍କା! ୟୁପିରେ ନିର୍ବାଚନ ଘୋଷଣା
- ମନମୋହନ ସରକାରରୁ ମୁଲାୟମଙ୍କ ସମର୍ଥନ ପ୍ରତ୍ୟାହାର
- ଉତ୍ତରାଖଣ୍ଡରେ ଝୁଲା ବିଧାନସଭା ସମ୍ଭାବନା
- ମେଣ୍ଟ କବ୍‌ଜାରେ ୧୮, କଂଗ୍ରେସ ହାତରେ ୯
- ମେଣ୍ଟକୁ ୪୫୦, କଂଗ୍ରେସକୁ ୩୦୨
- ୮୫୪ ଆସନରୁ କିଏ ପାଇଲା କେତେ
- କୋରାପୁଟ ବିଧାୟକଙ୍କ ଭାଇ ଗିରଫ
- ପୁଲିସ ଅଧିକାରୀଙ୍କୁ ସବୁ ମାଫ୍
- ଗ୍ରାମ ସଡ଼କ ଯୋଜନାରେ ଓଡ଼ିଶାକୁ ୬୦ କୋଟି ମଞ୍ଜୁର
- ମାଛଚାଷକୁ କୃଷିର ମାନ୍ୟତା: ମାଛ ବଢ଼ିବେ ଫାଇଲରେ







**କଟାକ୍ଷ**



ପଞ୍ଚାୟତ ଇଲେସନଟା ସତରେ କେତେ ରିଲେସନ ସାଇଲା କେତେ ପରପଞ୍ଚ ହେଲେ ସରପଞ୍ଚ ଦେଖିବାକୁ ବାକି ରହିଲା... ସିଲେସନ ଏବେ ଆଇଲା... ଅଧକ୍ଷ ହବାକୁ ଧାଉଁ ଧାଉଁ ଓଧ ଅଧାରେ କାହାକୁ ଖାଇଲା...

Make your attractive website with domain name booking and web space only @ **INR 3995**/- * for further information contact in

*Powered by* EML in Association with Modulesoft
Copyright © 2006 orissasambad.com. This Site is Best Viewed by : Internet Explorer in 1024 * 768